ସମ୍ବାଦ
ଭୁବନେଶ୍ୱର ୭
୧୨ ଅଗଷ୍ଟ ୨୦୧୫

# ପୁରୀରେ ହେବ ଉପକୂଳ ସାମୁଦ୍ରିକ ପର୍ଯ୍ୟବେକ୍ଷଣାଗାର

■ ପ୍ରାରମ୍ଭିକ ପର୍ଯ୍ୟାୟରେ ୯.୨୩ କୋଟି ଟଙ୍କା ବରାଦ
■ ପୁରୀ ଉପକୂଳରେ ରାଜ୍ୟ ସରକାର ଯୋଗାଇବେ ଜମି

ଭୁବନେଶ୍ୱର,୧୧।୮(ଇମିସ): ଓଡ଼ିଶା ଉପକୂଳରେ ପ୍ରତିଷ୍ଠା ହେବ ବଙ୍ଗୋପସାଗର ଉପକୂଳ ସାମୁଦ୍ରିକ ପର୍ଯ୍ୟବେକ୍ଷଣାଗାର। ପୁରୀ ଜିଲ୍ଲାରେ ଏହି ପର୍ଯ୍ୟବେକ୍ଷଣାଗାର ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଭୂ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୯.୨୩ କୋଟି ଟଙ୍କା ବରାଦ କରାଯାଇଛି। ପରବର୍ତ୍ତୀ ସମୟରେ ଆହୁରି ଅର୍ଥ ଦିଆଯିବ। ରାଜ୍ୟ ସରକାର ପୁରୀ ଉପକୂଳରେ ଜମି ଯୋଗାଇଦେବେ ବୋଲି ସୂଚନା ମିଳିଛି।

ଗତକାଲି ନୂଆଦିଲ୍ଲୀଠାରେ ଭୁବନେଶ୍ୱର ଆଇଆଇଟି ଏବଂ ଭୂ ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଏନେଇ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ପର୍ଯ୍ୟବେକ୍ଷଣାଗାର ପ୍ରତିଷ୍ଠା ଦିଗରେ ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ନ୍ୟାସନାଲ ସେଣ୍ଟର ଫର ଓସିଆନ୍ ଇନ୍‌ଫରମେସନ ସର୍ଭିସେସ୍ ଏବଂ ଚେନ୍ନାଇସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଆନ୍ ଟେକ୍ନୋଲୋଜି ସହଯୋଗ ଯୋଗାଇ ଦେବେ। ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ଏହି କେନ୍ଦ୍ର ପ୍ରତିଷ୍ଠା ହେବ।

ପର୍ଯ୍ୟବେକ୍ଷଣାଗାର ମାଧ୍ୟମରେ ସମୁଦ୍ର, ଭୂସ୍ଥଳ ଏବଂ ବାୟୁ ପ୍ରଭୃତି ଉପରେ ଗବେଷଣା ହୋଇପାରିବ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ଉପରେ କିଭଳି ପଡ଼ିବ ତାହାର ପୂର୍ବାନୁମାନ କରିହେବ। ଏନେଇ ଲୋକଙ୍କୁ ମଧ୍ୟ ଆଗୁଆ ସତର୍କ ସୂଚନା ଦିଆଯାଇପାରିବ। ଦେଶର ପୂର୍ବାଞ୍ଚଳ ତଥା ବଙ୍ଗୋପସାଗର ଉପକୂଳରେ ପ୍ରତିଷ୍ଠା ହେବାରେ ଏହି ପର୍ଯ୍ୟବେକ୍ଷଣାଗାର ପ୍ରଥମ ହେବ। କେବଳ ଯେ ଦେଶର ବିଭିନ୍ନ ଅନୁଷ୍ଠାନ ଏଥିରେ ସହଯୋଗ କରିବେ ତାହା ନୁହେଁ। ଅନ୍ତର୍ଜାତୀୟ ସଂସ୍ଥା ଅମେରିକାର ଉଡ୍ସ ହୋଲ୍ ଓସିଓନୋଗ୍ରାଫିକ୍ ଇନ୍‌ଷ୍ଟିଚ୍ୟୁଟ୍, ନ୍ୟାସନାଲ ଓସିଓନୋଗ୍ରାଫିକ୍ ସେଣ୍ଟର ମଧ୍ୟରେ ଏହାର ସଦସ୍ୟ ରହିବ।

ପର୍ଯ୍ୟବେକ୍ଷଣାଗାରରେ ଗବେଷଣା କରାଯିବା ପରେ ସେଥିରୁ ସଂଗୃହୀତ ତଥ୍ୟ ରଖାଯିବ। ଯାହାକି ପରବର୍ତ୍ତୀ ସମୟରେ ଜଳବାୟୁର ପୂର୍ବାନୁମାନରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ରାଜିନାମା ସ୍ୱାକ୍ଷରିତ ହେବା ସମୟରେ ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜକୁମାର, ଭୂ ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଶୈଳେଷ ନାୟକଙ୍କ ସମେତ ଆଇଆଇଟିର ପ୍ରଫେସର ଏସ୍. ତ୍ରିପାଠୀ, ପି.ସି. ପାଣ୍ଡେ, ଆମେରିକାର ପ୍ରଫେସର ଅଭିଜିତ୍ ଗଙ୍ଗୋପାଧ୍ୟାୟ, ଭୂ ବିଜ୍ଞାନ ମନ୍ତ୍ରଣାଳୟର ଏସ୍. ବାସୁ, କେ. ଶ୍ୟାମସୁନ୍ଦର, ପରବିନ୍ଦର ମେନ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

ଏନେଇ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କୁହନ୍ତି, ଓଡ଼ିଶା ଲାଗି ଏହା ବେଶ ସହାୟକ ହୋଇପାରିବ। ବିଶେଷକରି ଜଳବାୟୁ ସମ୍ପର୍କିତ ଆଗୁଆ ସୂଚନା କୃଷକଙ୍କୁ ଦିଆଯାଇପାରିବ। ଭୂ ବିଜ୍ଞାନ ମନ୍ତ୍ରଣାଳୟ ଏଦିଗରେ ସମସ୍ତ ପ୍ରକାର ସହଯୋଗର ହାତ ବଢ଼ାଇଥିବାରୁ କାର୍ଯ୍ୟ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ପୁରୀରେ ଜମି ଯୋଗାଇ ଦେବା ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

ଭୂ ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଶୈଳେଶ ନାୟକଙ୍କ କହିବାନୁଯାୟୀ, ଏହି ପର୍ଯ୍ୟବେକ୍ଷଣାଗାର ପ୍ରତିଷ୍ଠା ହେବା ଫଳରେ ଗବେଷଣା ଅଧିକ ବ୍ୟାପକ ହୋଇପାରିବ। ନୂଆ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ ଆଶା ପୋଷଣ କରିଛନ୍ତି।